## ସଂକ୍ଷେପରେ

### ୪୫ ଶିକ୍ଷକ ନିଯୁକ୍ତି



ମାଲକାନଗିରି,୧୧।୩ (ଡି.ଏନ୍.ଏ.)- ମାଲକାନଗିରି ଜିଲାର ବିଭିନ୍ନ ଜାତି ଓ ଜନଜାତି ବିଦ୍ୟାଳୟରେ ଖାଲି ପଡ଼ିଥିବା ଶିକ୍ଷୟିତ୍ରୀ ଶିକ୍ଷକ ପଦରେ ୪୫ ଜଣଙ୍କୁ ଚୁକ୍ତିଭିତ୍ତିକ ନିଯୁକ୍ତି ପ୍ରଦାନ କରାଯାଇଛି। ଜିଲା ଗ୍ରାମ୍ୟ ଉନ୍ନୟନ ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ଡ. ୱାଇ. ବିଜୟ ଶିକ୍ଷକମାନଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ସମ୍ପୃକ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନେ ନିଜ ଦାୟିତ୍ୱ ସୁଚାରୁରୂପେ ପାଳନ କରିବା ପାଇଁ ଜିଲାପାଳ ସେମାନଙ୍କୁ ପରାମର୍ଶ ଦେଇଛନ୍ତି। ଅନ୍ୟତମ ଅତିଥି ରୂପେ ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ ଓ ଜିଲା ମଙ୍ଗଳ ଅଧିକାରୀ ପ୍ରଦୀପ୍ତ କୁମାର ପଣ୍ଡା ଉପସ୍ଥିତ ଥିଲେ। ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କୁ ଉନ୍ନତମାନର ଶିକ୍ଷାଦାନ କରି ସେମାନଙ୍କୁ ସୁନାଗରିକ ଭାବେ ଗଢ଼ିତୋଳିବାକୁ ଉଭୟ ଅତିଥି ପରାମର୍ଶ ଦେଇଥିଲେ।

### ବେଆଇନ ପଥର ଚୋରାଚାଲାଣ ଅଭିଯୋଗ

ଲକ୍ଷ୍ମୀପୁର,୧୧।୩(ଡି.ଏନ୍.ଏ.)- କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ ଟୁନପାର ପଞ୍ଚାୟତର ତାରିଗୁଡ଼ା ପଥରକ୍ୱାରିରୁ ପ୍ରତ୍ୟହ ବେଆଇନ ଭାବେ ପଥର ଚୋରାଚାଲାଣ ହେଉଛି। ଏନେଇ ଖବର ପାଇ ତହସିଲଦାର ଉପେନ୍ଦ୍ର କୁମାର ଲୋହା, ରାଜସ୍ୱ ସୁପ୍ରଭାଇଜର କ୍ରିଷ୍ଣାମୂର୍ତ୍ତି ପାଣି କାକିରିଗୁମା ପୋଲିସ ସହଯୋଗରେ ଗୁରୁବାର କ୍ୱାରି ଉପରେ ଚଢ଼ାଉ କରିଥିଲେ। ପଥର ଚାଲାଣରେ ନିୟୋଜିତ ଜେସିବି, ଟିପ୍ପର ଓ ଟ୍ରାକ୍ଟର ଜବତ ହୋଇଛି। ଉକ୍ତ ପଥରକ୍ୱାରିରୁ ଦୀର୍ଘଦିନ ହେଲା ଗୁପ୍ତେଶ୍ୱର ଷ୍ଟୋନ କ୍ରଶର କମ୍ପାନୀକୁ ପଥର ଚୋରା ଚାଲାଣ ହେଉଥିଲା। ଏଥିଯୋଗୁ ସରକାରଙ୍କ ରାଜସ୍ୱ ହାନି ହେଉଥିଲା।

### ସ୍ୱାଭିମାନ ଅଞ୍ଚଳରେ ତାଲିମ କାର୍ଯ୍ୟକ୍ରମ

ଚିତ୍ରକୋଣ୍ଡା,୧୧।୩(ଡି.ଏନ.ଏ.)- ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳର ବରପଡ଼ା ପଞ୍ଚାୟତ ଗୃହଠାରେ ଓଡ଼ିଶା ଜୀବିକା ମିଶନ ଆନୁକୂଲ୍ୟରେ ଏମ୍‌ବିକେ ସିଆର୍‌ପିମାନଙ୍କୁ ନେଇ ପିଏଲ୍‌ଏ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏମ୍. ପର୍ଶୁରାମ ବେହେରାଙ୍କ ତତ୍ତ୍ୱାବଧାନରେ ହୋଇଥିବା ତାଲିମ କାର୍ଯ୍ୟକ୍ରମରେ ବରପଡ଼ା ଓ ପାପରମେଟେଲା ପଞ୍ଚାୟତର ଏମ୍‌ବିକେ ସିଆର୍‌ପିମାନେ ଯୋଗଦେଇଥିଲେ। ଦିବ୍ୟସିଂ ପ୍ରଧାନ ତାଲିମ ଦେଇଥିଲେ। ବିଏଲ୍‌ସି ସୋମନାଥ କୁମ୍ଭାର ପରିଚାଳନା କରିଥିଲେ।

### ଦୁର୍ଦ୍ଧାନ୍ତ କ୍ଷୀର ମଣ୍ଟୁ ଗିରଫ

ବ୍ରହ୍ମପୁର ଅଫିସ,୧୧।୩: ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ କୋର୍ଟପେଟା ଛକରେ ଦୁର୍ଦ୍ଧାନ୍ତ ଅପରାଧୀ କ୍ଷୀର ମଣ୍ଟୁ ଓରଫ୍ ସୀମାଞ୍ଚଳ ପାଣିଗ୍ରାହୀ ଦୁଇଜଣ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ କରି ଆତଙ୍କରାଜ ସୃଷ୍ଟି କରିଥିଲେ। ଏହି ଘଟଣାରେ ବୈଦ୍ୟନାଥପୁର ଥାନା ପୋଲିସ ନମ୍ବର ୬୨/୨୧ରେ ମାମଲା ରୁଜୁକରି କ୍ଷୀର ମଣ୍ଟୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ, କୋର୍ଟପେଟା ଛକରେ ଏକ ଦୋକାନରେ କାମ କରୁଥିବା ଅଖିଳ ସାହୁ ଓ କେଶବ ଚନ୍ଦ୍ର ପାଢ଼ୀ ରାସ୍ତାକଡ଼ରେ ଛିଡ଼ା ହୋଇଥିଲେ। ଏହିସମୟରେ କ୍ଷୀର ମଣ୍ଟୁ ସେଠାରେ ପହଞ୍ଚି କୌଣସି କାରଣକୁ ନେଇ ସେମାନଙ୍କ ସହିତ ଗଣ୍ଡଗୋଳ କରିଥିଲେ। ଉଭୟେ ପ୍ରତିବାଦ କରିବାରୁ କ୍ଷୀର ମଣ୍ଟୁ ଏକ ଖଣ୍ଡାରେ ଉଭୟଙ୍କୁ ଆକ୍ରମଣ କରିଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ବିଭିନ୍ନ ସ୍ଥାନରେ ଚଢ଼ଉ କରି ମଣ୍ଟୁଙ୍କୁ ଗିରଫ କରିଥିଲା।

# ଓଁ ନମଃ ଶିବାୟ ଧ୍ୱନିରେ ମୁଖରିତ ହେଲା ପରିବେଶ

କୋରାପୁଟ/ଜୟପୁର/ ଦାମନଯୋଡ଼ି/ ସେମିଳିଗୁଡା/ସୁନାବେଡା, ୧୧।୩ (ନି.ପ୍ର./ଡି.ଏନ୍.ଏ.)





କୋରାପୁଟର ଗୁପ୍ତେଶ୍ୱର ପୀଠରେ ଠାକୁରଙ୍କ ପୂଜାର୍ଚ୍ଚନା । ଜୟପୁରର ଏକ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଲମ୍ବା ଧାଡି ।

କୋରାପୁଟ ଜିଲାର ପ୍ରସିଦ୍ଧ ଶୈବ ପୀଠ ଗୁପ୍ତେଶ୍ୱରରେ ଗୁରୁବାର ମହାଶିବରାତ୍ରି କୋଭିଡ କଟକଣା ଯୋଗୁ ବିନା ଭକ୍ତରେ ପାଳିତ ହୋଇଛି। କୋଭିଡ ନେଇ ଜିଲା ପ୍ରଶାସନ କଟକଣା ଜାରି କରିଥିବାରୁ କେବଳ ମନ୍ଦିର ପୂଜକ, ପରିଚାଳନା କମିଟି ସଦସ୍ୟଙ୍କ ଉପସ୍ଥିତିରେ ଠାକୁରଙ୍କ ପୂଜାର୍ଚ୍ଚନା ହୋଇଛି। ସେହି ଅନୁସାରେ ଗୁପ୍ତେଶ୍ୱର ମନ୍ଦିରଠାରୁ ୧ କିମି ଦୂରରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଏକ ଅସ୍ଥାୟୀ ଗେଟ କରାଯାଇ ଦୂର ଦୂରାନ୍ତରୁ ଆସୁଥିବା ଶ୍ରଦ୍ଧାଳୁଙ୍କୁ ରୋକାଯାଇଥିଲା। ସେଠାରୁ ଶ୍ରଦ୍ଧାଳୁମାନେ ଗୁପ୍ତେଶ୍ୱରଙ୍କୁ ମୁଣ୍ଡିଆ ମାରି ଫେରି ଯାଇଥିଲେ। ଗୁରୁବାର ମଧ ରାତ୍ରରେ ଗୁପ୍ତେଶ୍ୱରଙ୍କଠାରେ ବିଶେଷ ପୂଜା କରାଯିବା ସହ ମହାଦୀପ ଉଠାଯିବ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ କୁହାଯାଇଛି । ସେହିପରି କୋରାପୁଟ ସହରର ଥିବା ବାବା ଆଖଣ୍ଡଳମଣି ମନ୍ଦିର, ଶାବରରେଶ୍ୱର ମନ୍ଦିର , ଶାବର ଶ୍ରୀକ୍ଷେତ୍ର, ଓଏମପିସ୍ଥିତ ନିଳକଣ୍ଠେଶ୍ୱର ମନ୍ଦିର, ଭବାନୀ ନଗରସ୍ଥିତ ବାବା ବେଲେଶ୍ୱର ମନ୍ଦିର, ବଜାରସ୍ଥିତ ଶିବ ମନ୍ଦିର, ରାଉଲି ଶିବ ମନ୍ଦିରରେ କୋଭିଡ ଗାଇଡଲାଇନ ପାଳନ କରି ଶ୍ରଦ୍ଧାଳୁମାନେ ଠାକୁରଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ।

ଜୟପୁରରେ ମହା ଶିବରାତ୍ରି ପାଳିତ ହୋଇଯାଇଛି। ଓଁ ନମଃ ଶିବାୟ ଧ୍ୱନିରେ ମନ୍ଦିର ପରିବେଶ ମୁଖରିତ ହୋଇଛି। ଶ୍ରଦ୍ଧାଳୁମାନେ ବିଭିନ୍ନ ଶିବମନ୍ଦିରରେ ମହାଦୀପ ଉଠିବା ପର୍ଯ୍ୟନ୍ତ ଦୀପ ଜାଳି ଜାଗର ପାଳିଛନ୍ତି। ଜୟପୁର ବାରିଣିପୁଟସ୍ଥିତ ଶକ୍ତିଶ୍ୱର ମନ୍ଦିର, ହାତିଶାଳସ୍ଥିତ କପିଳେଶ୍ୱର ମନ୍ଦିର, ଗାଗନାପୁରସ୍ଥିତ ବାଲୁଙ୍କେଶ୍ୱର ମନ୍ଦିର,ରାଜୁସାହିସ୍ଥିତ ପଞ୍ଚାନନ ମନ୍ଦିର, ବୈଦ୍ୟନାଥ ମନ୍ଦିର, ପୁରୁଣାଗଡ଼ସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିର, ଏମ୍‌ଜିରୋଡ୍‌ସ୍ଥିତ ହଟକେଶ୍ୱର ମନ୍ଦିର, ଖଜୁରିବନ୍ଧସ୍ଥିତ ଲୋକେଶ୍ୱର ମନ୍ଦିର, ଜୟନଗରସ୍ଥିତ ଭୂତନାଥେଶ୍ୱର ମନ୍ଦିର, ଜୟପୁର ଘାଟିସ୍ଥିତ ଅର୍ଦ୍ଧନାରୀଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଜୟପୁରର ପଞ୍ଚାନନ ଅଷ୍ଟଶମ୍ଭୁ ମନ୍ଦିରରେ ହରିହର ଭେଟ ସହ ରାଷ୍ଟ୍ରର ମଙ୍ଗଳ ପାଇଁ ହୋମ କରାଯାଇଥିଲା । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଟାଉନ ଥାନା ଓ ସଦର ଥାନା ପୋଲିସ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା।

**ଗୁପ୍ତେଶ୍ୱର ପୀଠରେ ବିନା ଭକ୍ତରେ ପାଳନ ହେଲା ଜାଗର**

ଦାମନଯୋଡ଼ିରେ ଜାଗର ପାଳିତ ହୋଇଛି। କୋଭିଡ୍ କଟକଣା ପାଳନକରି ଶ୍ରଦ୍ଧାଳୁମାନେ ବିଭିନ୍ନ ଶିବମନ୍ଦିରରେ ପୂଜାର୍ଚ୍ଚନା କରିଛନ୍ତି। ନାଲ୍‌କୋ ଟାଉନଶିପ୍‌ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଥିବା ତ୍ରୈମ୍ବକେଶ୍ୱର, ସେକ୍ଟର-୩ ସ୍ଥିତ ମହାଦେବ ମନ୍ଦିର,ଚମ୍ପାପଦର କଲୋନି, ଅଁଳାବାଡ଼ି କଲୋନି, କଳାହାଣ୍ଡି କଲୋନି, ସୁରକ୍ଷା ବିହାର,ଗୌଡ଼ଗୁଡ଼ା, ପୁଟ୍ରାଘାଟିସ୍ଥିତ ଶିବମନ୍ଦିର,ମାଥାଲପୁଟର ବଟୁକେଶ୍ୱର, ତ୍ରିନାଥ ମନ୍ଦିର, ଭେଜାପୁଟର ସିଦ୍ଧେଶ୍ୱର,ମରିଚମାଳର ସିଦ୍ଧେଶ୍ୱର ମହାଦେବଙ୍କ ପୀଠରେ ପୂଜାର୍ଚ୍ଚନା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଟାଉନସ୍ଥିତ ଶିରିଡି ସାଇ ମନ୍ଦିରରେ ଜାଗର ପାଇଁ ସ୍ୱତନ୍ତ୍ର ପୂଜାନୀତି ହୋଇଥିଲା।

ସୁନାବେଡା ଓ ସେମିଳିଗୁଡା ସହର ତଥା ଆଖପାଖ ଅଞ୍ଚଳର ସମସ୍ତ ଶୈବ ପୀଠରେ ଜାଗର ଯାତ୍ରା ପାଳିତ ହୋଇଛି। ସୁନାବେଡାର ଚିକାପାରସ୍ଥିତ ଗୁପ୍ତେଶ୍ୱର ମନ୍ଦିର, ଜର୍ସି ଫାର୍ମ ସ୍ଥିତ ସିଦ୍ଧେଶ୍ୱର ମନ୍ଦିର, ହାଲ ପରିସରରେ ଥିବା ବେଲେଶ୍ୱର ମନ୍ଦିର, ଏଲ ଜୋନ ସ୍ଥିତ ବିଶ୍ୱନାଥ ମନ୍ଦିର, ବି.ଜୋନସ୍ଥିତ ଆଖଣ୍ଡଳ ମଣି ମନ୍ଦିରରେ ଜାଗର ଉତ୍ସବ ପାଳିତ ହୋଇଛି। ସେହିପରି ସେମିଳିଗୁଡା ବସଷ୍ଟାଣ୍ଡ ନିକଟସ୍ଥ ସିଦ୍ଧେଶ୍ୱର ମନ୍ଦିର, ଟ୍ରାଫିକ ଛକ ସ୍ଥିତ କପିଳେଶ୍ୱର ମନ୍ଦିର , ବ୍ଲକ ଅଫିସ ନିକଟରେ ଥିବା ଆଖଣ୍ଡଳମଣି ମନ୍ଦିରରେ ସକାଳୁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା।



ଜୟପୁର ମେଡିକାଲ ପରିସରରେ ମନ ମୋହୁଛି ଗୋଲାପ ବଗିଚା। ଏଠାରେ ଲାଗିଛି ଚାଇନା ଟୋକେଆ ଫୁଲ, ଦେଶୀ ଗୋଲାପ, ହଳଦିଆ, ଧଳା ଓ କମଳା ରଙ୍ଗର ଗୋଲାପ।

## ଶିବରାତ୍ରିରେ ଶ୍ରଦ୍ଧାଳୁ ନିରାଶ

ମାଲକାନଗିରି, ୧୧।୩ (ଡିଏନଏ)

ଶିବରାତ୍ରିରେ ଶୈବ ପୀଠ ଚଳଚଞ୍ଚଳ ହୋଇପଡେ । ମାତ୍ର ଚଳିତ ବର୍ଷ କରୋନା କଟକଣା ଏଥିରେ ରୋକ ଲଗାଇଛି। ଫଳରେ ବିନା ଭକ୍ତରେ ପୂଜା ପାଇଛନ୍ତି ଦେବ ମହାଦେବ। ଖାଁ ଖାଁ ହୋଇପଡ଼ିଛି ଶୈବ ପୀଠ। ମାଲକାନଗିରି ଜିଲାର ଶୈବପୀଠ ଗୁଡିକରେ ଗୁରୁବାର ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିନି। ଲୋକେ ଘରେ ରହି ଶିବଙ୍କ ପୂଜାର୍ଚ୍ଚନା କରିଛନ୍ତି। ଅନ୍ୟପକ୍ଷରେ ଶିବମନ୍ଦିରଗୁଡିକ ନିକଟରେ ପୋଲିସ ପକ୍ଷରୁ କଡା ପ୍ରହରା ବ୍ୟବସ୍ଥା ପ୍ରଶାସନ ପକ୍ଷରୁ କରାଯାଇଥିଲା। ପ୍ରଶାସନିକ ଅଧିକାରୀମାନେ କୋଭିଡ କଟକଣାର ଯେପରି ଖିଲାପ ନ ହୁଏ ତଦାରଖ କରିଥିଲେ।

## ଜଙ୍ଗଲରେ ନିଆଁ ଲଗାଇ ଜଣେ ଗିରଫ

ବାଲିଗୁଡା: ୧୧।୩ (ଡି.ଏନ.ଏ.)

ଫୁଲବାଣୀ ବନଖଣ୍ଡ ଅଧିନ ଟିକାବାଲି ପରେଷ୍ଟ ରେଞ୍ଜ ଲାଇନପଡ଼ା ରିଜର୍ଭ ଜଙ୍ଗଲରେ ନିଆଁ ଲଗାଉଥିବା ଜଣେ ବ୍ୟକ୍ତିଙ୍କୁ ଟିକାବାଲି ବନବିଭାଗ କର୍ମଚାରୀ କାବୁ କରିଛନ୍ତି। ବନ କର୍ମଚାରୀମାନେ ନିଆଁକୁ ଆୟତ୍ତ କରୁଥିବା ବେଳେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ଲାମ୍ବାରଖୋଲ ଗ୍ରାମର ଈଶ୍ୱର କହଁର ବୋଲି ବନପାଳ ସଦାନନ୍ଦ ବେହେରା କହିଛନ୍ତି। ଈଶ୍ୱରଙ୍କ ନାମରେ ନଂ.୨୦୧/୨୧ରେ ମାମଲା ରୁଜୁ କରାଯାଇଛି । ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷାକରିବା ପାଇଁ କଡା ନଜର ରଖାଯାଇଛି ।

# ବେଆଇନ ଅର୍ଥ ଆଦାୟ ମାମଲା: ଫେରାର ଅଭିଯୁକ୍ତ ଗିରଫ

ଲକ୍ଷ୍ମୀପୁର,୧୧।୩(ଡି .ଏନ୍. ଏ.)

ଲକ୍ଷ୍ମୀପୁର ବ୍ଲକ କାକିରିଗୁମା ଅଞ୍ଚଳରେ ଉନ୍ନୟନମୂଳକ କାର୍ଯ୍ୟରେ ନିୟୋଜିତ କେତେଜଣ ବ୍ୟକ୍ତି ଠିକାଦାରଙ୍କଠାରୁ ବିଭିନ୍ନ ସମୟରେ ବେଆଇନ ଭାବେ ଧମକଚମକ ଦେଇ ଅର୍ଥ ଆଦାୟ କରୁଥିବା ନେଇ ଅଭିଯୋଗ ପରେ ପୋଲିସ ଏଥିରେ ସମ୍ପୃକ୍ତ ୪ଜଣଙ୍କ ମଧ୍ୟରୁ ୩ଜଣଙ୍କୁ ୮।୩।୨୦ରେ ଗିରଫକରି କୋର୍ଟଚାଲାଣ କରିଥିଲା। ଅନ୍ୟ ଜଣେ ଫେରାର ଥିଲେ। ତେବେ ଏହି ଫେରାର ଅଭିଯୁକ୍ତଙ୍କୁ ପୋଲିସ ଗୁରୁବାର ଗିରଫ କରିଛି। ତାଙ୍କ ନାମ କାମେଶ ବେନିଆ। ତାଙ୍କ ଘର ସେମିଳିଗୁଡ଼ାରେ। ସେ ଅନେକ ସମୟରେ ନିଜକୁ ବିଜେଡିର ଜଣେ ଟାଣୁଆ ନେତା ଏବଂ ଯୁବ ବିଜେଡିର ସମ୍ପାଦକ ରହିଥିବା ପ୍ରଚାରକରି ଠିକାଦାରମାନଙ୍କଠାରୁ ଅର୍ଥ ଆଦାୟ କରୁଥିଲେ। ଅର୍ଥ ନ ଦେଲେ ବିଭିନ୍ନ ଧମକଚମକ ଦେଉଥିଲେ। ଏହା ଅସହ୍ୟ ହେବାରୁ ଠିକାଦାର ଜଣକ ଲକ୍ଷ୍ମୀପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୨୫/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ୩ଜଣଙ୍କୁ ଗିରଫକରି କୋର୍ଟଚାଲାଣ କରିଥିଲା। ତେବେ ବେନିଆ ଫେରାର ହୋଇଯିବାରୁ ସେତେବେଳ ପୋଲିସ ତାଙ୍କୁ ଗିରଫ କରିପାରି ନ ଥିଲା।

# ଜଙ୍ଗଲ ସୁରକ୍ଷା ବାର୍ତ୍ତା ନେଇ ବାଇକ୍ ଶୋଭାଯାତ୍ରା



ବାହାରିଥିବା ବାଇକ୍ ଶୋଭାଯାତ୍ରା ।

ଏମ୍‌ଭି ୭୯,୧୧।୩(ଡି.ଏନ୍.ଏ.)

ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷାକରିବା ଏବଂ ବନ୍ୟଜନ୍ତୁଙ୍କ ଶିକାର ବନ୍ଦ କରିବା ନିମନ୍ତେ ବନ ବିଭାଗ ପକ୍ଷରୁ ସଚେତନତା ଅଭିଯାନ ଚାଲିଛି। ମାଲକାନଗିରି ଜିଲା କାଲିମେଳା ବ୍ଲକ୍ ମାନବକୋଣ୍ଡା ଗ୍ରାମରେ ବୁଧବାର ଏକ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ବିଭାଗ ପକ୍ଷରୁ ଏମ୍‌ଭି-୭୯ଠାରୁ ଏକ ବାଇକ୍ ଶୋଭାଯାତ୍ରା ବାହାରି ମାନବକୋଣ୍ଡାରେ ପହଞ୍ଚିଥିଲା। ଜଙ୍ଗଲରେ ନିଆଁ ନ ଲଗାଇବା ପାଇଁ ଲୋକଙ୍କୁ ସଚେତନ କରାଯାଇଥିଲା। ଏଥିସହ ପରିମଳ ବ୍ୟବସ୍ଥା ଏବଂ ସ୍ୱଚ୍ଛତା ବିଷୟରେ ମଧ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ବୁଝାଇଥିଲେ। ବନାଞ୍ଚଳ ଅଧିକାରୀ ବଳରାମ ନାୟକଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବନଖଣ୍ଡ ଅଧିକାରୀ ବିଦ୍ୟୁତ୍ ବିଶ୍ୱାସ ଏବଂ ସମ୍ମାନିତ ଅତିଥି ରୂପେ ହନୁମାନ ମାଝି, ଫରେଷ୍ଟର ଶିବଜିତ ମଣ୍ଡଳ, ବଳରାମ ପାଣିଗ୍ରାହୀ, ସୁମିତ ବିଶ୍ୱାସ, ଟୁକୁନା ବରାଳ, ଏସ୍. ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ବିଶ୍ୱାସ ଜଙ୍ଗଲ ସୁରକ୍ଷାରେ ଗ୍ରାମବାସୀଙ୍କ ଭୂମିକା ସମ୍ପର୍କରେ ବୁଝାଇ ମହୁଲ ସଂଗ୍ରହ, ପୋଡୁଚାଷ, ବେଣ୍ଟ ଶିକାର ଦ୍ୱାରା ଜଙ୍ଗଲ ନଷ୍ଟ ହେଉଛି। ଜୀବଜନ୍ତୁ ଲୋପ ପାଇବା ସହ ପରିବେଶ ଉପରେ କୁପ୍ରଭାବ ପକାଉଛି ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ଜଙ୍ଗଲ ସୁରକ୍ଷା ନେଇ ସେ ଗ୍ରାମବାସୀଙ୍କୁ ଶପଥ ପାଠ କରାଇଥିଲେ।

# ବିଏସ୍‌ଏଫ ପକ୍ଷରୁ ଜନସମ୍ପର୍କ ଶିବିର



ଶିବିରରେ ବିଏସଏଫ୍ ପକ୍ଷରୁ ବିଭିନ୍ନ ଉପକରଣ ବଣ୍ଟାଯାଉଛି।

ଚିତ୍ରକୋଣ୍ଡା, ୧୧।୩(ଡି.ଏନ.ଏ.)

ଜନସାଧାରଣ ଏବଂ ପୋଲିସ ପ୍ରଶାସନ ମଧ୍ୟରେ ସୁସମ୍ପର୍କ ପ୍ରତିଷ୍ଠା ଲକ୍ଷ୍ୟରେ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକରେ ଗୁରୁବାର ବିଏସ୍‌ଏଫ ବାଟାଲିୟନ ପକ୍ଷରୁ ଏକ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ପଣସପୁଟ ପଞ୍ଚାୟତର ବେଜିଂ ଶିବମନ୍ଦିର ନିକଟରେ ହୋଇଥିବା ଏହି ଶିବିରରେ ବେଜିଂ ତଥା ଆଖପାଖ ଅଞ୍ଚଳରୁ ୨ହଜାରରୁ ଊର୍ଦ୍ଧ୍ୱ ଲୋକ ଯୋଗ ଦେଇଥିଲେ। ଶିବିରରେ ବିଭିନ୍ନ ସାମଗ୍ରୀ, ଖେଳ ଉପକରଣ ବଣ୍ଟନ କରାଯାଇଥିଲା।

# ଉଦ୍‌ଘାଟନୀ ମ୍ୟାଚ୍‌ରେ ରେଡ୍ ଟିମ୍ ବିଜୟୀ

ନବରଙ୍ଗପୁର,୧୧।୩(ବି.ପ୍ର.)

**ଆନ୍ତଃ କ୍ଲବ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

ନବରଙ୍ଗପୁର ଷ୍ଟାଡିୟମରେ ଚାଲିଥିବା ଆନ୍ତଃ କ୍ଲବ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥିଭାବେ ଜିଲା କ୍ରିକେଟ ସଂଘର ସମ୍ପାଦକ ପ୍ରହ୍ଲାଦ ତ୍ରିପାଠୀ ଏବଂ ସମ୍ମାନୀତ ଅତିଥି ରୂପେ ଉପ ସଭାପତି ବାଳକୃଷ୍ଣ ରାଓ ଯୋଗଦେଇ ଟୁର୍ଣ୍ଣାମେଣ୍ଟ ଆରମ୍ଭ କରିଥିଲେ। ଉଦଘାଟନି ମ୍ୟାଚ୍‌ରେ ରେଡ୍ ଦଳ ପ୍ରଥମେ ବ୍ୟାଟିଂ କରି ୩୧.୫ଓଭରରେ ସମସ୍ତ ୱିକେଟ ହରାଇ ୨୫୪ ରନ୍ କରିଥିଲା। ଦଳ ପକ୍ଷରୁ ଶିବ ହରିଜନ ସର୍ବାଧିକ ୧୫୦ ରନ୍ ସଂଗ୍ରହ କରିଥିଲେ। ଜବାବରେ ୟେଲୋ ଦଳ ମାତ୍ର ୬୮ ରନ୍‌ରେ ସମସ୍ତ ୱିକେଟ ହରାଇ ପରାଜିତ ହୋଇଥିଲା। ଦଳ ପକ୍ଷରୁ କେବଳ ସୁବ୍ରତ ଗଣ୍ଡ ୨୮ ରନ୍ କରିଥିବାବେଳେ ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ରେଡ୍ ଦଳର ଶିବ ହାରିଜନ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ପ୍ରଥମ ଦିନରେ ଅମ୍ପାୟରଭାବେ ଗୋପାଳ ନାୟକ ଏବଂ ଅହମ୍ମଦ ରାଜା ମ୍ୟାଚ୍ ପରିଚାଳନା କରିଥିବାବେଳେ ଜିଲା କ୍ରୀଡ଼ା ସଙ୍ଘର କ୍ରିକେଟ ସମ୍ପାଦକ ଅଶୋକ ନାୟକ, କୋଷାଧକ୍ଷ ଶଶାଙ୍କ ଶେଖର ବେହେରା, ବୁଲୁ ସୁନା, ପପୁ ଖାନ୍, ଡାନିଏଲ ଏବଂ ଏମ୍. ଡି. ଜାଫର ସହଯୋଗ କରିଥିଲେ। ଏହି ଲିଗ୍ ଟୁର୍ଣ୍ଣାମେଣ୍ଟ ପାଇଁ ଓଡ଼ିଶା କ୍ରିକେଟ ସଂଘ ପକ୍ଷରୁ କଟକର ବିରାଜ ଦାସ ସ୍କୋରର ଦାଇତ୍ୱ ତୁଲାଇଥିଲେ। ପରବର୍ତ୍ତି ମ୍ୟାଚ୍ ବ୍ଲୁ ଦଳ ଏବଂ ଗ୍ରୀନ୍ ଦଳ ମଧ୍ୟରେ ହେବ ବୋଲି ସଂଘର ମିଡିଆ ଅଧକ୍ଷ ମନୋଜ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି।



ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ଶିବ ହରିଜନ।

# ୧୫ରୁ ଊର୍ଦ୍ଧ୍ୱ ଲୋକଙ୍କ ନାମରେ ମାମଲା

ବ୍ରହ୍ମପୁର ଅଫିସ,୧୧।୩

ବ୍ରହ୍ମପୁର ସଦର ଥାନା ଅଞ୍ଚଳରେ ହୋଇଥିବା ଏକ ହତ୍ୟା ଘଟଣାକୁ ନେଇ ବାଲିପଡ଼ାରେ ବୁଧବାର ରାସ୍ତାରୋକୋ ହୋଇଥିଲା। ଗ୍ରାମର ବହୁ ଲୋକ ଥାନା ଘେରାଉ କରିବା ସହିତ ରାସ୍ତାରେ ଟାୟାର ଜାଳି ଅବରୋଧ କରିଥିଲେ। ଉତ୍ୟକ୍ତ ଗ୍ରାମବାସୀଙ୍କୁ ପୋଲିସ ବୁଝାଶୁଝା କରିଥିଲେ ମଧ୍ୟ ଲୋକମାନେ ଆଇନକୁ ହାତକୁ ନେଇ ଦୀର୍ଘ ସମୟ ଧରି ରାସ୍ତାବନ୍ଦ କରିଥିଲେ। ଏହି ଘଟଣାରେ ପୋଲିସ ୧୫ରୁ ଊର୍ଦ୍ଧ୍ୱ ଲୋକଙ୍କ ନାମରେ ନଂ.୬୨/୨୧ ରେ ଏକ ମାମଲା ରୁଜୁ କରିଛି। ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି।

ଘଟଣାରୁ ପ୍ରକାଶ, ଗତ ୮ତାରିଖରେ ବାଲିପଡା ଗ୍ରାମର ଜଣେ ବିଧବା ସୁଷମା ବିଷୋୟୀ ଡେଙ୍ଗାପଦର ଗ୍ରାମର ଏକ ବିଲକୁ ଯାଇଥିଲେ। ମହିଳା ଜଣଙ୍କ ମୁଗ ଡାଳ ନେଇ ଘରକୁ ଫେରୁଥିବା ସମୟରେ ତାଙ୍କର ଦେଢ଼ଶୁର ପ୍ରଭାକର ଏକ ଠେଙ୍ଗାରେ ପିଟି ତାଙ୍କୁ ହତ୍ୟା କରିଥିଲେ।

# ଉତ୍କଳ ସମ୍ମିଳନୀ ପାଳିଲା ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ

ମାଲକାନଗିରି, ୧୧।୩ (ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ମହକୁମା ବୁଟିଗୁଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀଗୃହରେ ଉତ୍କଳ ସମ୍ମିଳନୀ ପକ୍ଷରୁ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ ହୋଇଯାଇଛି। ଏଥିରେ ସମ୍ମିଳନୀର ସଭାପତି ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଉପଜିଲାପାଳ ରାମେଶ୍ୱର ପ୍ରଧାନ ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଭାବେ ଡ. ହେନେରିଟା ମିଶ୍ର ଯୋଗଦେଇ ଏବେ ଯଦିଓ ଇଂଲିଶ ଭାଷାର ବ୍ୟବହାର ବହୁଳ ଭାବେ ଦେଖିବାକୁ ମିଳୁଛି ତଥାପି ଆମେ ଆମ ମାତୃଭାଷାକୁ ଭଲପାଇ ଏହାର ପ୍ରଚାରପ୍ରସାର କରିବା ଆବଶ୍ୟକ। ଓଡ଼ିଆ ଭାଷା, ଓଡ଼ିଆ ସଂସ୍କୃତି ସର୍ବଦା ସ୍ମରଣୀୟ ଓ ବନ୍ଦନୀୟ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ସମ୍ମିଳନୀ ପକ୍ଷରୁ ପୂର୍ବରୁ ହୋଇଥିବା ମୁକ୍ତ କୁଇଜ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରଞ୍ଜିତ କୁମାର ନାୟକ , ସୁକାନ୍ତ କୁମାର ସାହୁ , ପ୍ରକାଶ ଚନ୍ଦ୍ର ନାୟକ, ରଶ୍ମିତା ନାୟକ, ସୁବାସ ଚନ୍ଦ୍ର ମହାନ୍ତି, ସୁରେନ୍ଦ୍ର କୁମାର ମଲ୍ଲିକ, ରମେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।




ମୁକ୍ତ କୁଇଜ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

# ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ପକ୍ଷରୁ ବିକ୍ଷୋଭ

ମାଲକାନଗିରି, ୧୧।୩ (ଡିଏନଏ):

ମାଲକାନଗିରି ଜିଲା ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ପକ୍ଷରୁ ୭ ଦଫା ଦାବି ନେଇ ମାଲକାନଗିରି ସଦର ମହକୁମାରେ ଗୁରୁବାର ଏକ ବିକ୍ଷୋଭ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଜିଲାପାଳ ୱାଇ. ବିଜୟଙ୍କୁ ଦାବିପତ୍ର ପ୍ରଦାନ କରଯାଇଛି। ବରିଷ୍ଠ ଆଦିବାସୀ ନେତା ଘେନୁ ମୁଦୁଲି, ସନୁ ଅନୁଗୁ, ବିଦେଶୀ ଗୌଡ ପ୍ରମୁଖ ନେତୃତ୍ୱ ନେଇଥିଲେ। ମାଲକାନଗିରି ସହରରେ ଆଦିବାସୀଙ୍କ ଜମିକୁ ଅଣ ଆଦିବାସୀମାନେ ଚଞ୍ଚକତା କରି ହାତେଇଥିବା ଜମିକୁ ଫେରାଇବା, ଆଦିବାସୀଙ୍କ ଉପରେ ଜଳସେଚନ ବିଭାଗ ଦ୍ୱାରା ହେଉଥିବା ମିଥ୍ୟା ମକଦ୍ଦମା ବନ୍ଦ କରିବା, ଚାଷୀଙ୍କ ପାଇଁ ଏମ.ଏସ.ପି, ସି.ଏନ.ଟି , ଏସ.ପି.ଟି ଆକ୍ଟକୁ ରଦ୍ଦ କରିବା, ପେସା ଆଇନ ଲାଗୁ କରିବା, ନିର୍ବାଚନରେ ଇଭିଏମ୍ ବଦଳରେ ବ୍ୟାଲେଟ୍ ପେପରରେ ଭୋଟ୍ କରିବା, କାଳିମେଳାର ନିଲମ୍ବିତ ଲ୍ୟାମ୍ପ ଏମଡିଙ୍କୁ ଗିରଫ କରିବା ଆଦି ଦାବି ପରିଷଦ ପକ୍ଷରୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସୂଚନାଯୋଗ୍ୟ, କାଳିମେଳା ଲ୍ୟାମ୍ପରେ ଆଦିବାସୀ ଚାଷୀଙ୍କ ମିଥ୍ୟା ପଞ୍ଜୀକୃତ କରାଇ ଅଣ ଆଦିବାସୀମାନେ ଧାନ ବିକ୍ରି କରିଛନ୍ତି। ଶତାଧିକ ଆଦିବାସୀ ଚାଷୀ ନିଜ ଧାନ ବିକ୍ରି କରିପାରିନାହାନ୍ତି। ଏନେଇ ଅଭିଯୋଗ ହେବା ପରେ ତାଙ୍କୁ ନିଲମ୍ବିତ କରାଯାଇଛି।




ବାହାରିଥିବା ଶୋଭାଯାତ୍ରା ।

# ସେବାୟତଙ୍କ ନୀତିକାନ୍ତିରେ ସରିଲା ଶିବରାତ୍ରି

ରାୟଗଡ଼ା ଅଫିସ/ଗୁଣପୁର/ପଦ୍ମପୁର, ୧୧।୩

କରୋନା ସଂକ୍ରମଣ ଆଶଙ୍କାରେ ରାୟଗଡ଼ା ଜିଲା ପ୍ରଶାସନ ପକ୍ଷରୁ ଶିବରାତ୍ରିରେ ଶ୍ରଦ୍ଧାଳୁଙ୍କ ସମାଗମ ଉପରେ କଟକଣା ଜାରି କରାଯାଇଥିଲା। ଏଥିପାଇଁ ଗୁରୁବାର ସମସ୍ତ ଶୈବପୀଠରେ ଖାଁ ଖାଁ ପରିବେଶ ଦେଖିବାକୁ ମିଳିଥିଲା। ଶ୍ରଦ୍ଧାଳୁ ମହାଦେବଙ୍କ ଦର୍ଶନ ପାଇ ନ ଥିଲେ। ହେଲେ ସେବାୟତଙ୍କ ଦ୍ୱାରା ସମସ୍ତ ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ଅନ୍ୟପକ୍ଷରେ ଲୋକେ ଘରେ ମହାଦୀପ ଜାଳି ପୂଜାର୍ଚ୍ଚନା କରିବା ଦେଖିବାକୁ ମିଳିଥିଲା। ତେବେ କେତେଜଣ ଶ୍ରଦ୍ଧାଳୁ ମନ୍ଦିର ବାହାରେ ନଡ଼ିଆ ଭାଙ୍ଗି ଭୋଗ ଲଗାଇବା ଦେଖିବାକୁ ମିଳିଥିଲା। କଟକଣା ଯେପରି ଉଲ୍ଲଂଘନ ନ ହେବ ସେଥିପାଇଁ ଜିଲାର ସମସ୍ତ ମନ୍ଦିର ପରିସରରେ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ରାୟଗଡ଼ା ସହରର ପିଏଚ୍‌ଡି ପାହାଡ଼ ନିକଟ ବାଲୁଙ୍କେଶ୍ୱର ମନ୍ଦିରରେ ପ୍ରତ୍ୟେକ ବର୍ଷ ପ୍ରାୟ ୨୦ ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହେଉଥିଲା। ଏଥର ବିଶ୍ୱଶାନ୍ତି ଯଜ୍ଞ ଏବଂ ଅନ୍ୟ ସମସ୍ତ କାର୍ଯ୍ୟକ୍ରମ ବନ୍ଦ ରହିଥିଲା। ତେଣୁ ଶ୍ରଦ୍ଧାଳୁ ମଧ୍ୟ ନିରାଶ ହୋଇଥିଲେ। ସେହିପରି ଜଗନ୍ନାଥ ମନ୍ଦିର ପରିସର ଶିବ ମନ୍ଦିର, ଜ୍ୟୋତି ମହଲ ଛକ ଶିବ ମନ୍ଦିରରେ ଶ୍ରଦ୍ଧାଳୁ ବାହାରେ ପୂଜାର୍ଚ୍ଚନା କରିବା ଦେଖାଯାଇଥିଲା। ତେବେ କେତେକ ଗ୍ରାମାଞ୍ଚଳରେ ଲୋକେ ମନ୍ଦିରକୁ ଯାଇ ଦର୍ଶନ ଓ ପୂଜାର୍ଚ୍ଚନା କରିଥିବା ନଜରକୁ ଆସିଥିଲା।

ପଦ୍ମପୁରଠାରେ ରହିଥିବା ୭ମ ଶତାବ୍ଦୀର ଶୈବପୀଠ ମଲ୍ଲିକେଶ୍ୱରଙ୍କ ସମେତ ନୀଳକଣ୍ଠେଶ୍ୱର, ଧବଳେଶ୍ୱର, ପୁଡୁକେଶ୍ୱର ଏବଂ ଅନ୍ୟ ମନ୍ଦିରଗୁଡ଼ିକରେ ଚଳିତବର୍ଷ ଶିବରାତ୍ରିରେ ବିନା ଶ୍ରଦ୍ଧାଳୁରେ କେବଳ ନୀତିକାନ୍ତିରେ ପାଳନ ହୋଇଛି। କୋଭିଡ୍ କଟକଣା ଯୋଗୁ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଅନୁମତି ମିଳି ନ ଥିଲା। ପୂଜକଙ୍କ ଦ୍ୱାରା ନୀତିକାନ୍ତି ଓ ପୂଜାର୍ଚ୍ଚନା ପରେ ମନ୍ଦିର କବାଟ ବନ୍ଦ ହୋଇଥିଲା। ହାତଗଣତି ଶ୍ରଦ୍ଧାଳୁ ମନ୍ଦିର ବାହାରେ ନଡ଼ିଆ ଭାଙ୍ଗି ନିରାଶ ହୋଇ ଫେରିଥିବା ଦେଖିବାକୁ ମିଳିଥିଲା। ମଧ୍ୟରାତ୍ରିରେ ମଧ୍ୟ କେବଳ ଅଳ୍ପ ସଂଖ୍ୟକ ପୂଜକଙ୍କୁ ନେଇ ମହାଦୀପ ଲାଗିଥିଲା। ଶ୍ରଦ୍ଧାଳୁଙ୍କ ପ୍ରବେଶ ନେଇ କଟକଣା ଜାରି ହୋଇଥିଲା।

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ୍‌ର ପ୍ରାଚୀନ ଶୈବପୀଠ ମୀନାଝୋଲାରେ ମଧ୍ୟ ଶ୍ରଦ୍ଧାଳୁ ଶୂନ୍ୟ ପରିବେଶ ଦେଖିବାକୁ ମିଳିଥିଲା। କେବଳ ବିଘ୍ନ ମିଶ୍ର, ରଘୁ ମିଶ୍ର, ଶୁଭମ୍ ମିଶ୍ର, ସଞ୍ଜୟ ମାଳୀଙ୍କ ସମେତ ୭ ପୂଜକ ଉପସ୍ଥିତ ରହି ଠାକୁରଙ୍କ ବିଧି ପାଳନ କରିଥିଲେ। ତେବେ ଜିଲାର ବିଭିନ୍ନ ବ୍ଲକ୍ ଏବଂ ସୀମାନ୍ତ ଆନ୍ଧ୍ରପ୍ରଦେଶରୁ କେତେଜଣ ଶ୍ରଦ୍ଧାଳୁ ଆସି ଦର୍ଶନ ନ ପାଇ ନିରାଶ ହୋଇ ଫେରିଥିବା ହନୁମନ୍ତପୁର ସରପଞ୍ଚ କାଉମୁନି କହିଛନ୍ତି। ଅନ୍ୟପକ୍ଷରେ ଭକ୍ତଙ୍କ ସମାଗମ ସମ୍ଭାବନାକୁ ଦୃଷ୍ଟିରେ ରଖି ମୀନାଝୋଲା ପ୍ରବେଶ ପଥ, ଟାପୁରୁକୁପୁଡ଼ା ଛକ, ରାଇବିଜି ଛକଠାରେ ପୋଲିସ ଏବଂ ସିଆର୍‌ପିଏଫ୍ ଯବାନ ନିୟୋଜିତ ହେବା ସହ ରାସ୍ତା ବନ୍ଦ କରିଥିଲେ। ତହସିଲଦାର, ଆର୍‌ଆଇ, ରେଭିନ୍ୟୁ ସୁପରଭାଇଜର, ମୁନିଗୁଡ଼ା ଏସ୍‌ଡିପିଓ, ଚନ୍ଦ୍ରପୁର ଥାନାଧିକାରୀ, ସ୍ଥାନୀୟ ସରପଞ୍ଚ ଉପସ୍ଥିତ ରହି ପରିସ୍ଥିତି ଉପରେ ନଜର ରଖିଥିଲେ।

ଗୁଣପୁରଠାରେ ସମସ୍ତ ଶିବ ମନ୍ଦିର ଶୁନ୍‌ଶାନ୍ ରହିଥିଲା। ପୂଜକଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ ମନ୍ଦିର ବନ୍ଦ ରହିଥିଲା। ଶ୍ରଦ୍ଧାଳୁଙ୍କୁ ଦର୍ଶନ ନ ମିଳିବାରୁ ନିରାଶ ହୋଇ ଫେରିଥିଲେ। ତେବେ ସମସ୍ତ କର୍ଯ୍ୟକ୍ରମ ଚାଲିଥିବାବେଳେ ମନ୍ଦିରରେ କଟକଣା ସହ ଦର୍ଶନ ଅନୁମତି କାହିଁକି ମିଳିଲାନି ବୋଲି ଅନେକ ଶ୍ରଦ୍ଧାଳୁ ପ୍ରଶ୍ନ ଉଠାଇଛନ୍ତି। କଲେଜ ନିକଟ କାଶୀ ବିଶ୍ୱନାଥ, ସେଫାଳି ପାହାଡ଼ସ୍ଥିତ ରାମେଶ୍ୱର, ସହର ମଧ୍ୟରେ ଥିବା ଉମା ରାମଲିଙ୍ଗେଶ୍ୱର, ନୀଳକଣ୍ଠେଶ୍ୱର, ମହାମୃତ୍ୟୁଞ୍ଜୟ, ଶ୍ମଶାନ ନିକଟ ଭଟେଶ୍ୱର ସମେତ ଅନ୍ୟ ଶୈବପୀଠରେ କଟକଣା ମଧ୍ୟରେ କେବଳ ମହାଦେବଙ୍କ ନୀତି ପାଳନ ହୋଇଥିଲା।



## ବିଷମକଟକରେ କଟକଣାରେ ଦର୍ଶନ

ବିଷମକଟକ, ୧୧।୩–

ବିଷମକଟକ ବ୍ଲକ୍‌ରେ ବିଭିନ୍ନ ଶୈବପୀଠରେ କଟକଣା ମଧ୍ୟରେ ଶିବରାତ୍ରି ପାଳନ କରାଯାଇଛି। ହେଲେ ସୀମିତ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କୁ ନିୟମ ମାନି ଦର୍ଶନର ଅନୁମତି ମିଳିଛି। ନିୟମଗିରି ପାହାଡ଼ ତଳେ ଅବସ୍ଥିତ ପାତାଳେଶ୍ୱର ମହାଦେବ ମନ୍ଦିରରେ ଏଥର ଜାଗର ଯାତ୍ରାକୁ ବ୍ଲକ୍ ପ୍ରଶାସନ ବନ୍ଦ କରିଥିଲା। ତେବେ ଶ୍ରଦ୍ଧାଳୁ ସାମାଜିକ ଦୂରତା ଓ ମାସ୍କ ବ୍ୟବହାର କରି ଦର୍ଶନ ପାଇଁ ଅନୁମତି ପାଇଥିଲେ। ସେହିପରି ବିଷମକଟକସ୍ଥିତ ନାଗେଶ୍ୱର ମନ୍ଦିର, ପାତାଳେଶ୍ୱର ମନ୍ଦିର, ତୁମ୍ବେଶ୍ୱର ମନ୍ଦିର, ଜଗନ୍ନାଥପୁର ଗ୍ରାମର ପାତାଳେଶ୍ୱର ମନ୍ଦିରରେ ମଧ୍ୟ ଦର୍ଶନର ସୁଯୋଗ ମିଳିଥିଲା। ତେବେ ଶ୍ରଦ୍ଧାଳୁଙ୍କ ଭିଡ଼କୁ ନିୟନ୍ତ୍ରଣ ପାଇଁ ପୋଲିସ ଫୋର୍ସ ମୃତୟନ ହୋଇଥିବା ଥାନାଧିକାରୀ ଜଶୱନ୍ତ ହିଆଲ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ତ୍ରିମୂର୍ତ୍ତି ଶିବ ଜୟନ୍ତୀ ପାଳିତ



ଚନ୍ଦାହାଣ୍ଡି,୧୧।୩(ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ୍ ପୂଜାରୀଗୁଡ଼ା ଗ୍ରାମରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାଖା କେନ୍ଦ୍ରରେ ତ୍ରିମୂର୍ତ୍ତି ଶିବ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଥମେ ଶାଖାର ଜିତେନ୍ଦ୍ର ଭାଇ, ଦିଲୀପ ଭାଇ, ଦେବାନନ୍ଦ ଭାଇଙ୍କ ଦ୍ୱାରା ଶିବ ବାବାଙ୍କ ପତାକା ଉତ୍ତୋଳନ କରାଯାଇଥିଲା। ଏହାପରେ ଧ୍ୟାନ ଓ ଯୋଗ କାର୍ଯ୍ୟକ୍ରମ ହୋଇଥିଲା। ସେହିପରି ମହା ଶିବରାତ୍ରିର ମହତ୍ତ୍ୱ ବିଷୟରେ ଆଲୋଚନା କରାଯିବା ସହ ଅନ୍ଧାରରୁ ଆଲୋକକୁ ଆଣିବା ନିମନ୍ତେ ବାବା ଧରାବତରଣ କରିଥିବା ବି.କେ. ସୁରେଶ ବୁଝାଇଥିଲେ। କାର୍ଯ୍ୟକ୍ରମରେ ବ୍ର.କୁ. ରେଣୁକା, ମଇନା, ଜ୍ୟୋତି, ସହଦେ, ଝୀନ, ଗୁଞ୍ଜୁ, ଧନୁ, ଶିବ, ଚନ୍ଦ୍ରମଣି, ତ୍ରିଲୋଚନ ପ୍ରମୁଖ ଉପସ୍ଥିତ ଥିଲେ।

### ଘରୋଇ ବସ୍ ଡିକିରୁ ଗଞ୍ଜେଇ ଜବତ

ନବରଙ୍ଗପୁର/ମୈଦଲପୁର,୧୧।୩ (ବି.ପ୍ର/ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ମୈଦଲପୁର ଫାଣ୍ଡି ପୋଲିସ ଗୁରୁବାର ଏକ ଘରୋଇ ବସ୍(ଓଡି ୦୩ ଏଫ୍ ୮୬୫୫)ରୁ ଗଞ୍ଜେଇ ଜବତ କରିଛି। ଜୟପୁରରୁ ସମ୍ବଲପୁର ଯାଉଥିବା ଏହି ବସ୍‌ର ଡିକିରେ ଗଞ୍ଜେଇ ଚାଲାଣ ହେଉଥିବା ସୂଚନା ପାଇ ପୋଲିସ ବସ୍‌କୁ ଅଟକାଇଥିଲା। ଯାଞ୍ଚବେଳେ ସେଥିରେ ଗଞ୍ଜେଇ ଚାଲାଣ ହେଉଥିବା ଜଣାପଡ଼ିଥିଲା। ପୋଲିସ ଏହି ଘଟଣାରେ ୨ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

### ଧାନକିଣା ଦାବିରେ ସିଏସ୍‌ଓ ଅଫିସରେ ଧାରଣା

ଛତ୍ରପୁର,୧୧।୩(ଡି.ଏନ.ଏ.)- ଧାନକିଣା ଦାବି ନେଇ ଛତ୍ରପୁର ବ୍ଲକ ବଡଲଗାଁ ପଞ୍ଚାୟତର ଚାଷୀମାନେ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଧାରଣା ଦେଇଥିଲେ। ଆନ୍ଦୋଳନରତ ଚାଷୀମାନଙ୍କ ସହ ମୁଖ୍ୟ ସିଏସଓ ଆଲୋଚନା କରିଥିଲେ। ତୁରନ୍ତ ରୁକୁଣିଗାଁ ସୋସାଇଟି ଅଧୀନ ପଞ୍ଜୀକୃତ ଚାଷୀମାନଙ୍କ ଠାରୁ ୧୪୫୦ କୁଇଣ୍ଟାଲ ଧାନ କିଣାଯିବ। ଏଥିସହ ବଳକା ଧାନ ଆଗାମୀ ଟାର୍ଗେଟ ଆସିବା ପରେ ପର୍ଯ୍ୟାୟକ୍ରମେ ଅନ୍ୟ ପଞ୍ଜିକୃତ ଚାଷୀମାନଙ୍କଠାରୁ କିଣାଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ତେବେ ଆଗାମୀ ୭ ଦିନ ମଧ୍ୟରେ ଅନ୍ୟ ପଞ୍ଜିକୃତ ଚାଷୀମାନଙ୍କ ଧାନ କିଣା ନ ଗଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। ଧାରଣାରେ ଆବାହକ ତଥା ପୂର୍ବତନ ସରପଞ୍ଚ ଦୁର୍ଯୋଧନ ପରିଡା, ସନ୍ତୋଷ କୁମାର ମିଶ୍ର, ମଙ୍ଗଳା ପାଣିଗ୍ରାହୀ, ନୀଳ କମଳ ମହାରଣା ପ୍ରମୁଖ ଚାଷୀ ସାମିଲ ଥିଲେ।

### ଭାଷା ଦିବସ ପାଳିତ

ପାରଳାଖେମୁଣ୍ଡି,୧୧।୩(ଡି.ଏନ୍.ଏ.) ପାରଳାଖେମୁଣ୍ଡି ଠାରେ ଥିବା ଉତ୍କଳ ହିତଛାଣି ସମାଜ ସଭା ଗୃହରେ ଓଡ଼ିଆ ଭାଷା ଦିବସ ପାଳନ ହୋଇଯାଇଛି। ସମାବେଶକୁ ସଭାପତି ତଥା ଶିକ୍ଷାବିତ ଗୌର ଚନ୍ଦ୍ର ପଣ୍ଡା ଉଦଘାଟନ କରି ଓଡ଼ିଆ ଭାଷାର ପ୍ରାଚୀନତା ଓ ବୌଦ୍ଧ ସିଦ୍ଧିସାଧକମାନେ ଏହାକୁ ବଞ୍ଚାଇ ରଖିଥିଲେ ସେ ସମ୍ପର୍କରେ କହିଥିଲେ।

# ଡ୍ୟାମ୍ ରାସ୍ତାର ଗାର୍ଡୱାଲ୍ ଅବସ୍ଥା ବେହାଲ

**ଇନ୍ଦ୍ରାବତୀ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ନୀରବତା**

ତେନ୍ତୁଳିଖୁଣ୍ଟି,୧୧।୩(ଡି.ଏନ୍.ଏ.)

ପୋଡ଼ାଗଡ଼ କପୁର, ମୁରାନ ଓ ଦେଓପାଲିବନ୍ଧ ଯିବା ରାସ୍ତାରେ ଇନ୍ଦ୍ରାବତୀ ଜଳବିଦ୍ୟୁତ୍ ପ୍ରକଳ୍ପ ପକ୍ଷରୁ ତିଆରି ଗାର୍ଡୱାଲ ମେଟାଲ ଚିପ୍ସ ବିକ୍ରେତାଙ୍କ ପାଇଁ ଅର୍ଥ ଆଦାୟର ମାଧ୍ୟମ ପାଲଟିଥିବା ଅଭିଯୋଗ ହେଉଛି। ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ୪ଡ୍ୟାମ୍ ରାସ୍ତାର ଉଭୟ ପାର୍ଶ୍ୱରେ ପାହାଡ଼ରୁ ମାଟି ଧସି ନ ଖସିବା ପାଇଁ ଗାର୍ଡୱାଲ କରାଯାଇଥିଲା। ହେଲେ କିଛି ବର୍ଷ ହେଲା ଇନ୍ଦ୍ରାବତୀ ଜଳବିଦ୍ୟୁତ୍ ପ୍ରକଳ୍ପ ଦାୟିତ୍ୱରେ ରହୁଥିବା ଅଧିକାରୀଙ୍କ ସ୍ଥାଣୁତା ଯୋଗୁ କେତେଜଣ ବ୍ୟକ୍ତି ଉକ୍ତ ଗାର୍ଡୱାଲଗୁଡ଼ିକରୁ ବୋଲ୍‌ଡର ବାହାରକରି ମେଟାଲ ମାରି ଟ୍ରାକ୍ଟର ମାଲିକଙ୍କୁ ବିକ୍ରି କରୁଥିବା ଜଣାପଡ଼ିଛି। ଏଭଳି ସ୍ଥିତି ଜାରି ରହିଲେ ଆଉ କିଛିଦିନ ଗଲେ ଗାର୍ଡୱାଲ ନ ଥିବ ବୋଲି ଅଭିଯୋଗ ହେଉଛି। ପ୍ରକଳ୍ପ କର୍ତ୍ତୃପକ୍ଷ ସପ୍ତାହକୁ ଥରେ ମଧ୍ୟ ଏହାର ରକ୍ଷଣାବେକ୍ଷଣ ନିମନ୍ତେ ଦୃଷ୍ଟି ଦେଇ ନ ଥିବା ଜଣାପଡ଼ିଛି। ପ୍ରକଳ୍ପ କର୍ତ୍ତୃପକ୍ଷ ଏ ନେଇ ଟ୍ରାକ୍ଟର ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାବେଳେ ତହସିଲଦାରଙ୍କୁ ମଧ୍ୟ ଅବଗତ କରାଯାଇନାହିଁ। କଲୋନି ରାସ୍ତା ମରାମତି କରିବାକୁ କହିଲେ ପ୍ରକଳ୍ପ କର୍ତ୍ତୃପକ୍ଷ ଆମ ଅଧୀନରେ ନାହିଁ ଜଳସେଚନ ବିଭାଗ ଅଧୀନରେ ଅଛି ବୋଲି କହୁଛନ୍ତି। କିନ୍ତୁ ଯାହା ନିଜ ଅଧୀନରେ ରହିଛି ତାହାର ରକ୍ଷଣାବେକ୍ଷଣ ପ୍ରତି ଦୃଷ୍ଟି ଦେଉ ନ ଥିବା ଲୋକେ ଅଭିଯୋଗ କରୁଛନ୍ତି। ଏ ନେଇ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଗଗନ ବିହାରୀ ସାହୁଙ୍କୁ ପଚାରିବାରୁ ସେ ଗାର୍ଡୱାଲ୍ ଅବସ୍ଥା ବିଷୟରେ ଅବଗତ ନ ଥିବା କହିଛନ୍ତି।



ନଷ୍ଟ ହୋଇଥିବା ଡ୍ୟାମ ରାସ୍ତାରେ ଥିବା ଗାର୍ଡୱାଲ ।

# ମୃତଦେହ ରଖି ଘଣ୍ଟାଏ ରାସ୍ତାରୋକୋ

ଝରିଗାଁ,୧୧।୩(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଝରିଗାଁ ସଦର ବରାଗୁଡ଼ା ଛକରେ ବୁଧବାର ପୂର୍ବତନ ଏମ୍‌ପି ବଳଭଦ୍ର ମାଝିଙ୍କ ଗାଡ଼ି ସହ ଦୁର୍ଘଟଣାରେ ଚନ୍ଦାହାଣ୍ଡି ବ୍ଲକ୍ ବଡ଼ମୁଣ୍ଡି ଗ୍ରାମର ଚକ୍ର ସାନ୍ତା(୨୭)ଙ୍କ ମୃତ୍ୟୁ ଘଟିଥିଲା। ଏଥିରେ ଚକ୍ରଙ୍କ ଭାଇ ରବି ଗୁରୁତର ହୋଇଥିଲେ। ଗୁରୁବାର ଚକ୍ରଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ତେବେ କ୍ଷତିପୂରଣ ଦାବିରେ ମୃତକଙ୍କ ପରିବାର ଲୋକେ ଏବଂ ଅଞ୍ଚଳବାସୀ ଗୁରୁବାର ମୃତଦେହ ରଖି ଝରିଗାଁ–ଚନ୍ଦାହାଣ୍ଡି ରାସ୍ତା ଅବରୋଧ କରିଥିଲେ। ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା। ଅନ୍ୟପକ୍ଷରେ ପୂର୍ବତନ ଏମ୍‌ପି ମାଝିଙ୍କ ପକ୍ଷରୁ ୫୦ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରାଯିବା ପରେ ରାସ୍ତାରୋକୋ ହଟିଥିଲା।



ପରିବାର ଲୋକେ ଓ ଅଞ୍ଚଳବାସୀ ରାସ୍ତା ଅବରୋଧ କରିଛନ୍ତି।

- ପୂର୍ବତନ ଏମ୍‌ପିଙ୍କ ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ ଘଟଣା
- କ୍ଷତିପୂରଣ ଦେବା ପରେ ରାସ୍ତାରୋକୋ ହଟିଲା

ସୂଚନାଯୋଗ୍ୟ, ବୁଧବାର ଦୁର୍ଘଟଣା ସମୟରେ ଗାଡ଼ିରେ ପୂର୍ବତନ ଏମ୍‌ପି ବଳଭଦ୍ର ମାଝି ନ ଥିବାବେଳେ ସମ୍ପର୍କୀୟ ମାନେ ଫଟକି ଗ୍ରାମରୁ ଝରିଗାଁ ଫେରିବା ସମୟରେ ଦୁର୍ଘଟଣା ଘଟିଥିବା ଜଣାପଡ଼ିଥିଲା। ଏହାକୁ ନେଇ ଝରିଗାଁ ଥାନାରେ ୩୮/୨୧ରେ ଏକ ମାମଲା ରୁଜୁ କରାଯାଇ ଇନୋଭା କାର୍(ଓଡି ୩୩ଏ ୨୬୦୧)କୁ ଜବତ କରାଯାଇଥିଲା। ଏହି ଘଟଣାରେ ଚାଳକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି।

# ଜଙ୍ଗଲ ପୋଡ଼ି ରୋକିବାକୁ ସଚେତନତା

ଶେରଗଡ,୧୧।୩(ଡି.ଏନ.ଏ.)

ଶେରଗଡ ବ୍ଲକ ଷଡଙ୍ଗୀପଲ୍ଲୀ ବିଟ ପକ୍ଷରୁ ଜଙ୍ଗଲ ପୋଡି ରୋକିବା ଓ ଜଙ୍ଗଲ ସୁରକ୍ଷା ବାର୍ତ୍ତା ନେଇ ବାହାରିଥିବା ଏକ ରଥକୁ ଆସିକା ରେଞ୍ଜର ପ୍ରସନ୍ନ କୁମାର ସାହୁ ଶୁଭାରମ୍ଭ କରିଛନ୍ତି। ଜଙ୍ଗଲ ନିଆଁ ରୋକିବା, ଜଙ୍ଗଲରେ ବିସ୍ଫୋରକ ପଦାର୍ଥ ଦେଖିଲେ ତୁରନ୍ତ ଖବର ଦେବା, ବୃକ୍ଷ ସୁରକ୍ଷା ଦାୟିତ୍ୱ ନେବାକୁ ଏହି ରଥ ଦ୍ୱାରା ଆଦିବାସୀ ଗ୍ରାମର ଲୋକଙ୍କୁ ସଚେତନ କରାଯାଉଛି। କରଡାକଣା, ଜକରପଲ୍ଲି, ଘୋଡା ଆମ୍ବ, ଗମ୍ଭାରିଗୁଡା, ଭାଲିଆଗୁଡା, ବାଦପୁର, ଝିଲିମିଲି, ଝିରିଝିରି, ଟାନଞ୍ଜିପଲ୍ଲି, ଛଣପଟ ଆଦି ଗ୍ରାମରେ ରଥ ପରିକ୍ରମା ସହ ବନ ବିଭାଗ ପକ୍ଷରୁ ସଭା କରି ଜଙ୍ଗଲ ସୁରକ୍ଷା ସମସ୍ତଙ୍କର ପ୍ରମୁଖ କର୍ତ୍ତବ୍ୟ ହେବା ଉଚିତ ବୋଲି କୁହାଯାଇଥିଲା। କାର୍ଯ୍ୟକ୍ରମରେ ଫରେଷ୍ଟର ଶାନ୍ତନୁ ନାୟକ, ରାଜେନ୍ଦ୍ର ରାଉତ, ରତ୍ନ ମଲ୍ଲିକଙ୍କ ସମେତ ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

# ରୋଗୀ, ଗର୍ଭବତୀଙ୍କ ପାଇଁ ଅସୁରକ୍ଷିତ ମେଡିକାଲ ରାସ୍ତା

ପଦ୍ମପୁର,୧୦।୩(ଡି.ଏନ୍.ଏ.)

**ବର୍ଷେ ନ ପୂରୁଣୁ ନଷ୍ଟ ହେଲା କଂକ୍ରିଟ୍ ପ୍ଲେଟ୍**

ରାୟଗଡ଼ା ଜିଲା ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ରାସ୍ତା ଏବେ ରୋଗୀ ଏବଂ ଗର୍ଭବତୀଙ୍କ ପାଇଁ ଅସୁରକ୍ଷିତ ହୋଇପଡ଼ିଛି। ନିର୍ମାଣର ବର୍ଷେ ନ ପୂରୁଣୁ ସିମେଣ୍ଟ କଂକ୍ରିଟ ପ୍ଲେଟ୍‌ଗୁଡ଼ିକ ନଷ୍ଟ ହୋଇଛି। ପ୍ଲେଟ୍‌ଗୁଡ଼ିକ ନିମ୍ନମାନର ହୋଇଥିବାରୁ ତାହା ଭାଙ୍ଗି ନଷ୍ଟ ହୋଇଛି। ଫଳରେ ଏହି ରାସ୍ତା ଏବେ ବିପଜ୍ଜନକ ହୋଇଛି।



ନଷ୍ଟ ହୋଇଥିବା କଂକ୍ରିଟ ପ୍ଲେଟ୍ ।

ସୂଚନାଯୋଗ୍ୟ, ପଦ୍ମପୁର ବ୍ଲକ୍‌ର ୧୩ ପଞ୍ଚାୟତର ଜନସାଧାରଣ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭରଶୀଳ। ଏଭଳି ପରିସ୍ଥିତିରେ ପଦ୍ମପୁର ମେଡିକାଲକୁ ସଂଯୋଗ କରୁଥିବା ଏହି ଏକମାତ୍ର ରାସ୍ତାର ଅବସ୍ଥା ଖରାପ ଯୋଗୁ ରୋଗୀ ଏବଂ ସାଧାରଣ ଲୋକ ସମସ୍ୟା ଭୋଗୁଛନ୍ତି। ରାସ୍ତାର ଅବସ୍ଥା ଯେପରି ରହିଛି, ଦୁର୍ଘଟଣାକୁ ମଧ୍ୟ ଏଡ଼ାଇ ହେବନାହିଁ। ୨୦୨୦ ସେପ୍ଟେମ୍ବର ୨୦ରେ ୩୦ହଜାର ଟଙ୍କା ବ୍ୟୟରେ ପଦ୍ମପୁର ମୁଖ୍ୟରାସ୍ତାଠାରୁ ମେଡିକାଲ ରୋଡ୍ ପର୍ଯ୍ୟନ୍ତ ଡ୍ରେନ୍ ଏବଂ ୪ଟି ସିମେଣ୍ଟ କଂକ୍ରିଟ ପ୍ଲେଟ୍ ନିର୍ମାଣ ହୋଇଥିଲା। ହେଲେ ମେଡିକାଲ ସମ୍ମୁଖରେ ନିର୍ମିତ ପ୍ଲେଟ୍‌ଟି ଭାଙ୍ଗିଯିବାରୁ ଏହି ରାସ୍ତାରେ ଆମ୍ବୁଲାନ୍ସରେ ଗର୍ଭବତୀ ଏବଂ ରୋଗୀଙ୍କୁ ନେବା ଆଣିବା କରିବାରେ ଅସୁବିଧା ହେଉଛି। ସଂକୀର୍ଣ୍ଣ ରାସ୍ତା ସହ ଏହା ମଝିରେ ଗର୍ତ୍ତ ଯୋଗୁ ଆମ୍ବୁଲାନ୍ସ ଚାଳକ ମଧ୍ୟ ରୋଗୀଙ୍କୁ ନେବାରେ ସୁରକ୍ଷିତ ମଣୁ ନାହାନ୍ତି। ତେଣୁ ପ୍ରଶାସନ ଶୀଘ୍ର ଏହି ରାସ୍ତା ନିର୍ମାଣ କରିବାକୁ ଦାବି ହେଉଛି।

# ଗଛକୁ ଧକ୍କାଦେଲା ବୋଲେରୋ, ୩ ଗୁରୁତର

ନବରଙ୍ଗପୁର,୧୧।୩(ବି.ପ୍ର.)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ୍ ମଇଦଲପୁର ସୀମାନ୍ତ ଆମପାଣି ଘାଟିରେ ଗୁରୁବାର ଏକ ବୋଲେରୋ ଭାରସାମ୍ୟ ହରାଇ ଗଛକୁ ଧକ୍କା ଦେଇଥିଲା। ଏଥିରେ ଗାଡ଼ିରେ ଥିବା ୩ ଯାତ୍ରୀ ଗୁରୁତର ହୋଇଥିଲେ। ସେମାନଙ୍କୁ ଉଦ୍ଧାର କରାଯାଇ କୋକସରା ମେଡିକାଲରେ ଭର୍ତ୍ତି କରାଯାଇଛି।

ଘଟଣାରୁ ପ୍ରକାଶ, କଳାହାଣ୍ଡି ଜିଲା ଭବାନୀପାଟଣାରେ କୌଣସି କାର୍ଯ୍ୟକ୍ରମରେ ଯୋଗଦେଇ ଏକ ବୋଲେରୋ(ଓଡି ୦୮ ୯୧୨୧) ଯୋଗେ ୮ଜଣ ନବରଙ୍ଗପୁର ଜିଲାକୁ ଫେରୁଥିଲେ। ଏହି ସମୟରେ ଆମପାଣି ନିକଟ ଘାଟିରେ ଗାଡ଼ି ଭାରସାମ୍ୟ ହରାଇଥିଲା। ଏଥିରେ ୮ଜଣଙ୍କ ମଧ୍ୟରୁ ଜଣ ଗୁରୁତର ହୋଇଥିଲେ। ଖବର ପାଇ ପାପଡ଼ାହାଣ୍ଡି ଏସ୍‌ଡିପିଓ ଆଦିତ୍ୟ ସେନ୍, ପାପଡ଼ାହାଣ୍ଡି ଥାନାଧିକାରୀ ଶୁଭେନ୍ଦୁ ଶବର, ମଇଦଳପୁର ଫାଣ୍ଡି ଅଧିକାରୀ ଅନାମୁ ଦିଅନ ପହଞ୍ଚି ଆହତଙ୍କୁ ଉଦ୍ଧାର କରିଥିଲେ। ପୋଲିସ ଘଟଣାର ତଦନ୍ତ ଚଳାଇଥିବା ସୂଚନା ମିଳିଛି।

# ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନୟନ କାର୍ଯ୍ୟ ନେଇ ଆଲୋଚନା

ଗୁଣପୁର,୧୧।୩(ଡି.ଏନ୍.ଏ.)

**ରୋଗୀ କଲ୍ୟାଣ ସମିତି ବୈଠକ**

ରାୟଗଡ଼ା ଜିଲା ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମିଳନୀ କକ୍ଷରେ ବୁଧବାର ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ରଘୁନାଥ ଗମାଙ୍ଗଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସଂପର୍କରେ ଆଲୋଚନା ହୋଇଥିଲା। ଶୀତ ତାପ ନିୟନ୍ତ୍ରିତ କ୍ୟାବିନ୍ ନିର୍ମାଣ, ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ସ୍ୱତନ୍ତ୍ର ଟ୍ରାନ୍ସଫର୍ମର ବ୍ୟବସ୍ଥା କରିବା, ନିଦାନ କେନ୍ଦ୍ରରେ ଇସିଜି ପରୀକ୍ଷା ବ୍ୟବସ୍ଥା, ଆମ୍ବୁଲାନ୍ସର ଦେୟ କି.ମି. ପିଛା ୧୦ ଟଙ୍କାରୁ ୧୨ ଟଙ୍କା କରିବା, ନୂତନ କୋଠା ନିର୍ମାଣ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ, ଆମ୍ବୁଲାନ୍ସ ପାଇଁ ରେଷ୍ଟସେଡ ନିର୍ମାଣ, ରୋଗୀଙ୍କ ନିମନ୍ତେ ଅପେକ୍ଷାଗୃହ, ଅଲଟ୍ରାସାଉଣ୍ଡ କକ୍ଷକୁ ଶୀତତାପ ନିୟନ୍ତ୍ରିତ କରିବା ଭଳି ଅନେକ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଜିଲାପାଳ ତଥା ଭାରପ୍ରାପ୍ତ ଉପଜିଲାପାଳ ନିରଞ୍ଜନ ନାୟକ ମଞ୍ଚାସୀନ ଥିଲେ। ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧୀକ୍ଷକ ଡା. ରମେଶ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ମେଡିକାଲ ଅଫିସର ଡା. ରତିକାନ୍ତ ସାହୁ, ଜଗନ୍ନାଥପୁର ମେଡିକାଲ ଅଫିସର ଡା. ହିମାଂଶୁ ଶେଖର ଦାସ, ସମାଜସେବୀ ଅକ୍ଷୟ ଦାସ, ଗୌରି ମିଶ୍ର, ବିଡିଓ ଶାନ୍ତିପ୍ରଭା ପ୍ରଧାନ, ଖବରଦାତା ଦେବେନ୍ଦ୍ର ଚୌଧୁରୀ, ଜନସ୍ୱାସ୍ଥ୍ୟ ବିଭାଗର ସହକାରୀ ଯନ୍ତ୍ରୀ ବି. ପି. ଅଗ୍ରୱାଲ, ଫାର୍ମାସିଷ୍ଟ ସୂର୍ଯ୍ୟ ନାରାୟଣ ପଣ୍ଡା, ମ୍ୟାନେଜର ଜିତେନ୍ଦ୍ର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।




ବୈଠକରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

# ନିୟମ ମାନି ମହାଦେବଙ୍କ ଦର୍ଶନ

ପାପଡ଼ାହାଣ୍ଡି/ରାଇଘର, ୧୧।୩,(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡିସ୍ଥିତ ପ୍ରସିଦ୍ଧ ନୀଳକଣ୍ଠେଶର ମନ୍ଦିରରେ କଟକଣା ମଧ୍ୟରେ ଶିବରାତ୍ରି ପାଳିତ ହୋଇଯାଇଛି। ସମସ୍ତ ନିୟମ ମାନି ଶ୍ରଦ୍ଧାଳୁ ମହାଦେବଙ୍କ ଦର୍ଶନ କରିଥିଲେ। ପ୍ରାତଃ ସମୟରେ ମୁଖ୍ୟ ପୁରୋହିତ ଶିବକୁମାର ତ୍ରିପାଠୀ ଓ ନୀଳକଣ୍ଠ ତ୍ରିପାଠୀଙ୍କ ଦ୍ୱାରା ମଙ୍ଗଳ ଆଳତି, ବାଲଭୋଗ, ରାଜଭୋଗ ଓ ଅନ୍ନଭୋଗ ହୋଇଥିଲା। ଏହାପରେ ସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ଶାନ୍ତିଶୃଙ୍ଖଳା ଓ ସାମାଜିକ ଦୂରତା ରଖି ଦର୍ଶନ ନିମନ୍ତେ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଥିଲା। ଥରକେ ୧୦ଜଣ ଶ୍ରଦ୍ଧାଳୁ ମାସ୍କ ପିନ୍ଧି ଦର୍ଶନ କରିବାକୁ ଅନୁମତି ମିଳିଥିଲା। ସେହିପରି ରାତି ୧୦ଟାରେ ମହାଦୀପ ଉଠିଥିଲା। ତେବେ ମହାଦୀପ ଉଠିବା ସମୟରେ ଶ୍ରଦ୍ଧାଳୁଙ୍କ ପ୍ରବେଶକୁ ନିଷେଧ କରାଯାଇଥିଲା।

ରାଇଘର ବ୍ଲକ୍‌ରେ ମଧ୍ୟ କରୋନା ନିୟମ ଅନୁଯାୟୀ ମହାଶିବରାତ୍ରି ପାଳନ ହୋଇଥିଲା। ରାଇଘର ସଦରସ୍ଥିତ ଡିଏନ୍‌କେ ଧବଳେଶ୍ୱର ପୀଠ, ରାଇଘର ବାଲୁଙ୍କେଶ୍ୱର ପୀଠ, ପାରୁଆ ଜଗତେଶ୍ୱର ପୀଠରେ ସାମାଜିକ ଦୂରତା ରଖି ଶ୍ରଦ୍ଧାଳୁ ମହାଦେବଙ୍କ ଦର୍ଶନ କରିଥିଲେ। ପୂଜା କମିଟି ମଧ୍ୟ ଗାଇଡ୍‌ଲାଇନ୍‌କୁ ଗୁରୁତ୍ୱ ଦେଇଥିଲେ। ହାଟଭରଣ୍ଡି, ସୋନପୁର ଓ ମୁଣ୍ଡିବେଡ଼ାସ୍ଥିତ ଶୈବ ପୀଠରେ ମଧ୍ୟ ଶିବରାତ୍ରି ପାଳିତ ହୋଇଥିଲା। ଭିଡ଼କୁ ଏଡ଼ାଇବା ନିମନ୍ତେ ରାଇଘର ପୋଲିସ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଇଥିଲା।



ରାଇଘରସ୍ଥିତ ଏକ ମନ୍ଦିରରେ ଶ୍ରଦ୍ଧାଳୁ ଦର୍ଶନ କରୁଛନ୍ତି ।

## ଡାବୁଗାଁରେ ଶ୍ରଦ୍ଧାଳୁଙ୍କୁ ମିଳିଲାନି ଦର୍ଶନ

ଡାବୁଗାଁ,୧୧।୩(ଡି.ଏନ୍.ଏ)

ଡାବୁଗାଁ ବ୍ଲକ୍ ଚଚରାଗୁଡ଼ା ପଞ୍ଚାୟତ ଅଧୀନ କେଲିଆ ଶୈବପୀଠରେ ମହା ଶିବରାତ୍ରି ପାଳିତ ହୋଇଯାଇଛି। କଟକଣା ଯୋଗୁ କେବଳ ସେବାୟତଙ୍କ ଦ୍ୱାରା ସକାଳୁ ବିଭିନ୍ନ ନୀତି ଅନୁଯାୟୀ ମହାଦେବଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ହେଲେ ଶ୍ରଦ୍ଧାଳୁଙ୍କୁ ଦର୍ଶନର ଅନୁମତି ମିଳି ନ ଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଡାବୁଗାଁ ଥାନାଧିକାରୀ ସୁରେନ୍ଦ୍ର କୁମାର ବେଉରିଆଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ଏଥିସହ ଡାବୁଗାଁ ଶିବମନ୍ଦିର, ବାଘବେଡ଼ା, ବିରିସୋଲା ଓ ଜୁନାପାଣି ଶିବମନ୍ଦିରରେ କୋଭିଡ୍ ନିୟମ ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ତେବେ କେତେକ ମନ୍ଦିରରେ ସୀମିତ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା।

# ଜଳକଷ୍ଟ ଭୋଗୁଛନ୍ତି ଗ୍ରାମବାସୀ

ଉମରକୋଟ,୧୧।୩(ସ୍ୱ.ପ୍ର.)

**ଫେଲ୍ ମାରିଛି ପୂର୍ବ ପ୍ରସ୍ତୁତି**

ଗ୍ରୀଷ୍ମ ପ୍ରଭାବ ବଢୁଥିବା ବେଳେ ଫେଲ ମାରିଛି ପୂର୍ବ ପ୍ରସ୍ତୁତି। ପୂର୍ବରୁ ସ ଯେପରି କୌଣସି ଗ୍ରାମର ଗ୍ରାମବାସୀ ପାନୀୟ ଜଳ ପାଇଁ ଅସୁବିଧାର ସମ୍ମୁଖୀନ ନ ହେବେ ସେନେଇ ଦୃଷ୍ଟି ଦେବାକୁ ଜଳ ଯୋଗାଣ ବିଭାଗକୁ କୁହାଯାଇଛି। ଏନେଇ ହୋଇଥିବାଆଗୁଆ ପ୍ରସ୍ତୁତି ଏବେ ବିଫଳ ହୋଇଥିବା ଦେଖିବାକୁ ମିଳିଛି। ଉମରକୋଟ ବ୍ଲକର ତୋହରା ଗ୍ରାମ,ଦଳସର୍ଗି ଗ୍ରାମ, ସେମଳା ପଞ୍ଚାୟତର ସେମଳା ଓ ଭାମିନି ପଞ୍ଚାୟତର ଭାମିନି ଗ୍ରାମବାସୀ ସବୁବର୍ଷ ପରି ଚଳିତବର୍ଷ ମଧ୍ୟ ଜଳକଷ୍ଟ ଭୋଗୁଛନ୍ତି। ଭାମିନି ଗ୍ରାମରେ ଥିବା ଦୁଇଟି ନଳକୂପ ଅଚଳ ହୋଇ ପଡିଛି। ସେମଳା ଗ୍ରାମ ସହ ଅନ୍ୟସାହିବାସିନ୍ଦା ଏହି ନଳକୂପ ଉପରେ ନିର୍ଭର କରନ୍ତି। ଦଳସର୍ଗି ଗ୍ରାମର ୩୦ଟି ପରିବାର ଗୋଟିଏ ନଳକୂପ ଉପରେ ନିର୍ଭର କରୁଥିବା ବେଳେ ଆଜକୁ ପ୍ରାୟ ୪ ମାସ ହେବ ନଳକୂପଟି ଅଚଳ ହୋଇପଡିଛି। ଏହି ଗ୍ରାମର ଗ୍ରାମବାସୀ ଶୀଘ୍ର ମରାମତି କରିବାକୁ ଦାବି କରିଛନ୍ତି। ଅନ୍ୟପକ୍ଷରେ ଗ୍ରୀଷ୍ମ ପ୍ରବାହ ପୂର୍ବରୁ ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ ନେଇ କଣ ସବୁ ପ୍ରସ୍ତୁତି କରାଯାଇଛି ବୋଲି ବିଭାଗୀୟ କନିଷ୍ଠଯନ୍ତ୍ରୀଙ୍କୁ ପଚାରିବାରୁ ସେ କହିଥିଲେ ଯେ, ୨୬ଟି ପଞ୍ଚାୟତକୁ ନେଇ ଗୋଟିଏ କଣ୍ଟ୍ରୋଲ ରୁମ ଖୋଲାଯାଇଛି। ଲୋକେ ଯୋଗାଯୋଗ କରିବା ଲାଗ ୩ଟି ଫୋନ ନମ୍ବର ଉଲେଖ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ବ୍ଲକର ପ୍ରାୟ ୨ହଜାରରୁ ଅଧିକ ନଳକୂପ ସଜଡାଯାଇଛି। ଜରୁରୀ ପରିସ୍ଥିତିରେ ଟ୍ୟାଙ୍କର ଦ୍ୱାରା ଜଳଯୋଗାଣ ହେବ ବୋଲି ସେ କହିଛନ୍ତି।



ଅଚଳ ହୋଇ ପଡିଥିବା ନଳକୂପ ।

